## ସଂକ୍ଷେପରେ

### ଖଲ୍ଲିକୋଟ ବାରରେ ଶୋକସଭା

ଖଲ୍ଲିକୋଟ,୧୨।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ କୋର୍ଟ ପରିସରରେ ବାର ଆସୋସିଏଶନ ପକ୍ଷରୁ ଖଲ୍ଲିକୋଟ ରାଣୀଙ୍କ ବିୟୋଗରେ ସୋମବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବାରସଭାପତି ରାଜେନ୍ଦ୍ର କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ଚକ୍ରପାଣି ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା, ସୀମାଞ୍ଚଳ ବେହେରା, ସମ୍ପାଦକ ଜୟରାମ ଦାଶ, ସହ ସମ୍ପାଦକ ସନ୍ତୋଷ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଖଲ୍ଲିକୋଟ କୋର୍ଟ ସ୍ଥାପନ ପ୍ରଥମେ ଯୁବରାଜ ବଙ୍ଗଳାରେ ଆରମ୍ଭ ହୋଇଥିଲା, ପ୍ରତି କ୍ଷେତ୍ରରେ ଖଲ୍ଲିକୋଟ ରାଣୀଙ୍କ ଅବଦାନ ରହିଥିଲା। ତାଙ୍କ ବିୟୋଗରେ ବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

### ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଘୋଡାହାଡ଼ ଜଳସମ୍ପଦ କଲୋନୀ ପରିସରରେ ଥିବା ଶ୍ରୀ ତ୍ରିନାଥ ଠାକୁର ମନ୍ଦିରର ୫୦ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ମନ୍ଦିରରେ ପଣ୍ଡିତ ରଞ୍ଜନ ତ୍ରିପାଠୀଙ୍କ ପୌରହିତ୍ୟରେ ହୋମ କାର୍ଯ୍ୟକ୍ରମ ସହ ନୂତନ ଗରୁଡ଼ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଘୋଡାହାଡ଼ ଜଳସମ୍ପଦ ବିଭାଗ ଓ ଛେଳିଗଡ କେନାଲ ଡିଭିଜନର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ପ୍ରଦୀପ ଚନ୍ଦ୍ର ମହାନ୍ତି ଓ ସହଧର୍ମିଣୀ ସଂଯୁକ୍ତା ମହାନ୍ତି କର୍ତ୍ତା ରୂପେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଛେଳିଗଡ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ .ଉମେଶ ପଟ୍ଟନାୟକ, ଘୋଡାହାଡ଼ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ଇଂ. କ୍ଷିରୋଦ ବେହେରା, ଦେବରାଜ ଗୌଡ, ସୁଶାନ୍ତ ମହାପାତ୍ର, କାଳୀଚରଣ ପ୍ରଧାନ, ଶ୍ୱେତାମ୍ବର ପାତ୍ର, ଶଙ୍କର ବେହେରା, ଛେଳିଗଡ କେନାଲ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ .ପି . ଭେଙ୍କଟଶ୍ୱର ରାଓ, ମନ୍ଦିର ପୂଜକ ସୁରେଶ ଚନ୍ଦ୍ର ମିଶ୍ରଙ୍କ ସମେତ ଉଭୟ ଡିଭିଜନର ସମସ୍ତ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଙ୍କୋରଡାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ବ୍ଲକରେ ବିଜେଡି ସଙ୍ଗଠନକୁ ସୁଦୃଢ କରିବା ପାଇଁ ପରିବାର ସମ୍ପର୍କ ଅଭିଯାନ ଆନୁକୁଲ୍ୟରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୋମବାର ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେବାପରେ ଦଳୀୟ କର୍ମକର୍ତ୍ତା ବୃନ୍ଦ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ଥାନୀୟ ସରପଞ୍ଚ ରୀନା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ବିଜେଡି ଜିଲା ଉପସଭାପତି ବି.କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଗଡଗୋବିନ୍ଦପୁର ସରପଞ୍ଚ ରଞ୍ଜନ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିଶିର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସମୀର ସ୍ୱାଇଁ, ଆଦିତ୍ୟ ସାହୁ, ସାଧନା ମହିଳା ସଂଘ ସଭାନେତ୍ରୀ ପି .ବିଜୟଲକ୍ଷ୍ମୀ, ରାମନାଥ ବିଷୋୟୀଙ୍କ ସମେତ ବହୁ ଛାମୁଆ କର୍ମୀଙ୍କ ସହ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ। କେ .ତାରକେଶ୍ୱର ଦୋରା ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

# ଡିଜିଟାଲ ଶିକ୍ଷାରେ ଗଞ୍ଜାମ ରାଜ୍ୟରେ ପ୍ରଥମ

ଛତ୍ରପୁର,୧୨।୨(ସନ୍ତୋଷ ପାଢ଼ୀ)




ଗଞ୍ଜାମ ଜିଲା ଡିଜିଟାଲ ଶିକ୍ଷା ପାଠ୍ୟକ୍ରମ ପ୍ରଦାନ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧିନସ୍ଥ ଓକେସିଏଲ ଓଡିଶାରେ ଏହାର ନେଟୱାର୍କ ସହଭାଗିତାରେ ଥିବା ୫ଶହରୁ ଉର୍ଦ୍ଧ୍ୱ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଲକ୍ଷାଧିକ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରିଛି। ଜିଲାରେ ୨୦୨୩ରେ ରାଜ୍ୟରେ ସର୍ବାଧିକ ସଂଖ୍ୟକ ଛାତ୍ରଛାତ୍ରୀ ଏହି ତାଲିମପ୍ରାପ୍ତ ହୋଇଥିବାରୁ ଗଞ୍ଜାମ ଜିଲା ଏ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିପାରିଛି। ରବିବାର ଭୁବନେଶ୍ୱରସ୍ଥିତ କିମ୍‌ସ ଅଡିଟୋରିୟମ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲ ଓକେସିଏଲର ଗଞ୍ଜାମ ଜିଲାର ମୁଖ୍ୟ ଏସ ରେଖା ମହାନ୍ତିଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଓକେସିଏଲର ଏକମାତ୍ର ମହିଳା ଜିଲା ମୁଖ୍ୟ ଭାବେ କାର୍ଯ୍ୟରତ ରେଖା ମହାନ୍ତିଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ଏହା ମହିଳା ସଶକ୍ତୀକରଣର ପ୍ରକୃତ ଉଦାହରଣ ବୋଲି ଡକ୍ଟର ପୁଥଲ କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରେଖାଙ୍କ ନେତୃତ୍ୱରେ ପୂର୍ବରୁ ୨୦୧୭, ୨୦୧୮ ଓ ୨୦୨୨ରେ ମଧ୍ୟ ଗଞ୍ଜାମ ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା।

# ଢେଙ୍ଗାଡ଼ି ପଞ୍ଚାୟତରେ ସଚେତନତା ଶିବିର

ପାଟପୁର,୧୨।୨(ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଢେଙ୍ଗାଡ଼ି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ବିଭିନ୍ନ ବିଭାଗ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶିବରାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଉପାଧ୍ୟକ୍ଷା ରିଙ୍କି ନାହାକ, ଜିଲାପରିଷଦ ଅମିନ ପ୍ରଧାନ, ପାଟିକା ସଂଘର ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଢେଙ୍ଗାଡ଼ି ସମିତିସଭ୍ୟା ବାସନ୍ତି ପ୍ରଧାନ, ପୋଡାମାରୀ ସମିତିସଭ୍ୟା ପ୍ରତିନିଧି ପରମେଶ୍ୱର ପାତ୍ର, ଅଙ୍ଗନୱାଡି ସୁପରଭାଇଜର ପିଇଓ ମଧୁସୂଧନ ବିଷୋୟୀ, ଜିଆର୍‌ଏସ୍ ସନ୍ଧ୍ୟାରାଣୀ ସେଠୀ, ଯୋଗାଣ ସହାୟକ ବିଦ୍ୟାଧର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ସାନଖେମୁଣ୍ଡି ବ୍ଲକର ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଦର୍ଶ ପୋଖରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, ମିଶନ ଶକ୍ତି ଗୃହ, ମୋ ସ୍କୁଲ, ବିଭିନ୍ନ ମଠ ମନ୍ଦିରର ବିକାଶମୂଳକ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଏକ ପୁସ୍ତକ ଜରିଆରେ ଉନ୍ମୋଚନ କରାଯାଇଥିଲା। ବିଡିଓ ମିଶ୍ର ବିଭିନ୍ନ ବିଷୟରେ ଧାରଣା ପ୍ରଦାନ କରି ନବୀନ ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ସାମିଲ କରାଇବା ପାଇଁ ପରାମର୍ଶ ଦେବା ସହ ବିଭିନ୍ନ ଯୋଜନାର ରୂପରେଖକୁ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ୧୯ ଏସ୍‌ଏଚ୍‌ଜିକୁ ୪୪ ଲକ୍ଷ ଋଣ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୋପାଳପୁର,୧୨।୨(ନବୀନ ରାଜ ଆଚାରୀ)

ଆମ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ଓ ଲୌଡିଗାଁ ପଞ୍ଚାୟତର ୧୯ ଏସ୍‌ଏଚ୍‌ଜିକୁ ୪୪ ଲକ୍ଷ ଟଙ୍କା ବିନା ସୁଦ୍ଧରେ ଋଣ ପ୍ରଦାନ କରାଯାଇଛି। ପଦ୍ମପୁରରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ଓ ପ୍ରକାଶ ସେଠି କାର୍ଯ୍ୟକ୍ରମରେ ସଭାପତିତତ୍ୱ କରିଥିଲେ। ଅନ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ସିଡ଼ିପିଓ ଜ୍ୟୋତ୍ସ୍ନା ପାଢ଼ୀ, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ଜିଲା ପରିଷଦ ସଭ୍ୟ ତୋଅପୋଇ ଦାସ, ସରପଞ୍ଚ ସସ୍ମିତା ବେହେରା, ଏମ୍‌ପି ପ୍ରତିନିଧି ଅଜିତ କୁମାର ଦାଶ, ସିଏଚ ଭରତ ପାତ୍ର ଯୋଗଦେଇଥିଲେ। ସେଠାରେ ୯ ଏସଏଚଜିକୁ ୧୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସେହିପରି ଲୌଡିଗାଁ ପଞ୍ଚାୟତରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ମଧ୍ୟ ବିଧାୟକ ପଣ୍ଡା ଉଦଘାଟନ କରିଥିଲେ। ୧୦ ଏସଏଚଜି ଗ୍ରୁପକୁ ୩୦ ଲକ୍ଷ ଟଙ୍କା ବିନା ସୁଦ୍ଧରେ ଋଣ ପ୍ରଦାନ କରାଯାଇଥିଲା। ସୁପରଭାଇଜର ବବିତା ନାୟକ ,ପିଇଓ ସମୀର ମିଶ୍ର,ସରପଞ୍ଚ ଦଣ୍ଡପାଣି ବେହେରା, ପ୍ରକାଶ ଚନ୍ଦ୍ର ସାମନ୍ତ ,ବାଇରୀ ପାତ୍ର, ରାମ ହରି ପାତ୍ର ବିପିଏମ ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡାଫୋଡାଇଲସ ଇଂଲିଶ ତାଲିମ ଶିବିର

ଶେରଗଡ,୧୨।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ସ୍ଥିତ ଶୀତଳା ପ୍ରାଥମିକ ବିଦ୍ୟାଳୟରେ ଡାଫୋଡାଇଲସ ଇଂଲିଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ଉପେନ୍ଦ୍ର କୁମାର ପାଢୀ ଏହାର ଶୁଭାରମ୍ଭ କରିଥିଲେ। ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଇଂଲିଶ ଭାଷାରେ ଉପଯୁକ୍ତ ଜ୍ଞାନ ଆସିବା ଦିଗରେ ଏହି ତାଲିମ ଶିବିର ସହାୟକ ହେବ। ଶିବିରରେ ଅତିଥି ଭାବେ ଏବିଇଓ ଶୈରନ୍ଧ୍ରୀ ଦଳେଇ ଉପସ୍ଥିତ ଥିଲେ। ତାଲିମଦାତା ବିଷ୍ଣୁ ଚରଣ ମିଶ୍ର, ସୁଦୀପ୍ତ କୁମାର, ସୁଶାନ୍ତ କୁମାର ବେହେରା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୫୦ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ।

### କୁସରାବରେ ବୋମାମାଡ଼

ଧରାକୋଟ,୧୨।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତ କୁସରାବ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଗୋଟିଏ ବୋମା ଫୁଟିଥିବା ବେଳେ ପୋଲିସ ଗୋଟିଏ ଅଫୁଟା ବୋମା ଜବତ କରିଛି। ବୋମାମାଡରେ କାହାର କିଛି କ୍ଷତି ହୋଇ ନାହିଁ। କୁସରାବ ଗ୍ରାମ ଶେଷ ମୁଣ୍ଡରେ ଥିବା ଠାକୁରାଣୀ ମନ୍ଦିର ନିକଟରେ ଏକ କୋଠା ନିର୍ମାଣ ହେଉଛି। ଏଥିରେ ବାହାର ରାଜ୍ୟର ୬ ଜଣ ଶ୍ରମିକ ନିୟୋଜିତ ଅଛନ୍ତି। କୁସରାବ ଗ୍ରାମର ଯୁବକ ସଂଘ ଘରେ ଶ୍ରମିକମାନେ ରାତିରେ ବିଶ୍ରାମ ନେଉଥିବା ବେଳେ ଘର ଉପରକୁ ବୋମା ମାଡ଼ ହୋଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ଜିଲା ସମ୍ମିଳନୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୨।୨(ସୁରେନ୍ଦ୍ରନାଥ ସାହୁ)

ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ଆସିକା କଳିଙ୍ଗା ରୋଡସ୍ଥିତ ଏକ ହୋଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦକ ରାମ ମହାପାତ୍ର, ବଲାଙ୍ଗୀର ଜିଲା ସଂପାଦକ ରଞ୍ଜନ ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ଦୁର୍ଗାମାଧବ ପଟ୍ଟନାୟକ, ଜିଲା ସଂପାଦକ ମଞ୍ଜୁଳା ସ୍ୱାଇଁ, ବିନୋଦ କୁମାର ରାଉତ, ତାରିଣୀ ପ୍ରଧାନ, ଜିଲା ଉପସଭାପତି ସତ୍ୟରଂଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅଭିକର୍ତ୍ତାମାନଙ୍କ ନ୍ୟାର୍ଯ୍ୟ ହକ ପ୍ରତି ହେୟ ମନୋଭାବ ପୋଷଣ କରାଯାଉଥିବା ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା । ଏହି ଅବସରରେ ୧୦ଦଫା ସମ୍ବଳିତ ଦାବି ରାଜ୍ୟ ସ୍ୱଳ୍ପ ସଞ୍ଚୟ ବିଭାଗ କର୍ମକର୍ତ୍ତାଙ୍କ ନିକଟକୁ ପଠାଯାଇଥିଲା । ଦାବି ମଧ୍ୟରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ଲାଗି ୧୫ଲକ୍ଷ ଟଙ୍କା ଗ୍ରୁପ ଇନସୁରାନ୍ସ, ଚିକିତ୍ସା ସୁବିଧା, ପରିଚୟ ପତ୍ର ପ୍ରଦାନ, ଏଜେଣ୍ଟ କମିସନ ବୃଦ୍ଧି କରିବା ଆଦି ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ୨ ଅତିରିକ୍ତ ଜିଲାପାଳଙ୍କ ତଦାରଖ

ଶେରଗଡ,୧୨।୨(ସୂର୍ଯ୍ୟନାରାୟଣ ଦାଶ)


ସଭାସ୍ଥଳ ନିକଟରେ ସମୀକ୍ଷା କରାଯାଉଛି।

ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶେରଗଡ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଜିଲା ପରିଷଦ ସିଇଓ ମଧୁମିତା, ଦୁଇ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ , ଅନିଲ କୁମାର ସେଠୀ ଶେରଗଡ ସଭାସ୍ଥଳ ପାଖରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏଥିସହ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବ। ପିଇବା ପାଣି ବ୍ୟବସ୍ଥା କରିବା, ସ୍ୱେଚ୍ଛାସେବୀ ମୁତୟନ କରି ପିଇବା ପାଣି ଯୋଗାଣ କରିବା, ଭିଆଇପିମାନଙ୍କ ଗାଡି ପାର୍କିଂ ବ୍ୟବସ୍ଥା ତଦାରଖ କରିଥିଲେ। ଉକ୍ତ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ରଞ୍ଜନ ସେଠୀ, ରାଧାକୃଷ୍ଣ ଡାକୁଆ, ଥାନା ଅଧିକାରୀ ବିରେନ୍ଦ୍ର ସିଆଳ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ବନୋଜ କମାର ସେଠୀ, ଜଳ ପରିମଳ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ବେହେରା, ଯନ୍ତ୍ରୀ ମଳୟ କୁମାର ନାୟକ, ଶଶାଙ୍କ ଶେଖର ପାଢ଼ୀଙ୍କ ସମେତ ବହୁ ପଦାଧିକାରୀ, ନେତା ଯୋଗଦେଇଥିଲେ।

### ଗୁଣି ସନ୍ଦେହରେ ହତ୍ୟା ଘଟଣା
### ୨୦ ଜଣଙ୍କ ନାଁରେ ଅଭିଯୋଗ

ପାତ୍ରପୁର, ୧୨।୨(ଉମା ଚରଣ ନେପାକ)

ଜରଡ଼ା ଥାନା ହଳଦୀବାଡ଼ ଗ୍ରାମରେ ଗୁଣି ସନ୍ଦେହରେ ଗୁରୁବାରିଆ ଡାକୁଆଙ୍କୁ ହତ୍ୟା ଘଟଣାରେ ସୋମବାର ମୃତକଙ୍କ ସ୍ତ୍ରୀ ଶ୍ରୀମନ୍ତି ଥାନାରେ ପହଞ୍ଚି ଗ୍ରାମର ୨୦ ଜଣଙ୍କ ନାମରେ ଏତଲା ଦେଇଥିବା ଜଣାପଡିଛି । ଅଭିଯୋଗ ପରେ ଜରଡ଼ା ଥାନା ପୋଲିସ ୬୧/୨୦୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଗତ ଶନିବାର ଆଙ୍କୁଲି ପଞ୍ଚାୟତ ହଳଦୀବାଡ଼ ଗ୍ରାମରେ ଗୁଣି ସନ୍ଦେହରେ ଗ୍ରାମର କିଛି ଲୋକ ଶ୍ରୀମନ୍ତିଙ୍କ ଘରେ ପଶି ଗୁରୁବାରିଆଙ୍କୁ ଟାଣି ନେଇ ଦାଣ୍ଡରେ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା।

# ୮ମ ବାଟାଲିଅନ୍ ପରିସରରେ ଦୀକ୍ଷାନ୍ତ ସମାରୋହ


ପ୍ୟାରେଡ୍ ପଡିଆ ଠାରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ।

**ଛତ୍ରପୁର,୧୨।୨(ଦିଲ୍ଲୀପ ସାମଲ)**

ଓଏସ୍‌ଏପି ୮ମ ବାଟାଲିଅନ୍ ପ୍ୟାରେଡ୍ ପଡିଆ ପରିସରରେ ଦୀକ୍ଷାନ୍ତ ସମାରୋହ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ରେଳ ଓ ତଟରକ୍ଷୀ ସୁରକ୍ଷା) ରାଜେଶ କୁମାର ଯୋଗଦେଇ ୮ମ ବାଟାଲିୟନ୍ ଠାରେ ଗତ ମେ ୨୯ ତାରିଖଠୁ ୯ ମାସ ଧରି ପ୍ରଶିକ୍ଷଣ ନେଇଥିବା ୧୫୯ ଜଣ ଯବାନମାନଙ୍କୁ ସତ୍ୟ, ନ୍ୟାୟ ପରାୟଣ, ନିର୍ଭିକ ଭାବରେ ଦେଶର ଜନସାଧାରଣ ଓ ଆରକ୍ଷୀ ବାହିନୀର ସେବା ସମ୍ବିଧାନର ଆଇନ ପରିସରରେ ନିଷ୍ଠାର ସହିତ ସମ୍ପାଦନ କରିବା ପାଇଁ ଶପଥପାଠ କରାଇଛନ୍ତି । ଏହି ଅବସରରେ ବାଟାଲିୟନ୍ ପ୍ୟାରେଡ୍ ପଡିଆ ଠାରେ ଅନୁଷ୍ଠିତ ପ୍ୟାରେଡରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅଭିଭାଷଣ ଦେବା ସହିତ ପ୍ରଶିକ୍ଷଣ ଗ୍ରହଣ କରିଥିବା ଶ୍ରେଷ୍ଠ ୮ ଜଣ ଯବାନଙ୍କୁ ପୁରସ୍କୃତ କରିଥିଲେ। ପ୍ୟାରେଡ୍ କମାଣ୍ଡର ବି.ସୁନିଲ ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନାରେ ପ୍ୟାରେଡ୍ ପରିଚାଳନା ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅଷ୍ଟମ ବାଟାଲିୟନ ଦୁର୍ଗପତି ଶାରଦା ପ୍ରସାଦ ଦାସ ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜ୍ୟୋତିରଞ୍ଜନ ନାୟକ ଓ ନିହାରରଞ୍ଜନ ରାଜ୍, ସୁବେଦାରା ଏସ୍.ଯୁଧିଷ୍ଠିର ରେଡ୍ଡୀ, ଦେବାଶିଷ ସ୍ୱାଇଁ ଓ ରଞ୍ଜିତ ଲେଙ୍କା ସହଯୋଗ କରିଥିଲେ।

# ଗାଙ୍ଗପୁରରେ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଲଗୁଣ୍ଠା,୧୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ମା' ବରାଳ ଦେବୀ କ୍ରିକେଟ୍ ତରଫରୁ ମା ବରାଳ ଦେବୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ପ୍ରାକ୍ତନ ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ନୀଳମଣି ବିଷୋୟୀ ଯୋଗଦେଇ ଉଦ୍‌ଘାଟନ କରିବା ସହ କ୍ରୀଡାବିତ୍‌ମାନଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଏମ୍‌ବିଏସ୍ କୋଲା ପରିଚାଳନା ନିର୍ଦ୍ଦେଶକ ବସନ୍ତ ବିଷୋୟୀ ଏବଂ ମୁଖ୍ୟବକ୍ତା ରୂପେ ଜିଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବାସନ୍ତୀ କୁମାରୀ ଡାକୁଆ, ସମିତିସଭ୍ୟା ଗୀତାଞ୍ଜଳି ବିଷୋୟୀ, ଖଇରପୁଟି ସମିତିସଭ୍ୟା ଶାନ୍ତି ବେହେରା, ସାମାଜିକ କର୍ମୀ ଶିବରାମ ପାଢୀ ଏବଂ ଗାଙ୍ଗପୁର ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ବିଷୋୟୀ ଯୋଗଦେଇଥିଲେ। ମା ବରାଳ ଦେବୀ କ୍ରିକେଟ୍ ଟିମ୍‌ର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପାନୀୟ ଜଳ ମେଶିନ ଅଚଳ

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)


ଅଚଳ ଅବସ୍ଥାରେ ପଡିରହିଥିବା ପାନୀୟଜଳ ମେଶିନ।

ରାଜ୍ୟ ସରକାର ସାଧାରଣ ଲୋକମାନଙ୍କ ପାନୀୟ ଜଳର ସୁବିଧା ନିମନ୍ତେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳର ବନ୍ଦୋବସ୍ତ କରିବା ସହ ବହୁ ଅର୍ଥ ରାଶି ଖର୍ଚ୍ଚ କରୁଛନ୍ତି। କିନ୍ତୁ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେଶିନଟି ଗତ ୩ ବର୍ଷରୁ ଉର୍ଦ୍ଧ୍ୱ ଧରି ଅଚଳ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ପ୍ରଶାସନର ଏଥିପ୍ରତି ଆଦୌ ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ ଅଧୀନରେ ୨୫ ପଞ୍ଚାୟତ ରହିଥିବା ବେଳେ ଏଠାକୁ ଦୈନନ୍ଦିନ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗତ ୨୦୧୧–୧୨ ଆର୍ଥିକ ବର୍ଷରେ ସାଂସଦ ହାତ ପାଣ୍ଠିରୁ ୧ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ପାଣି ମେଶିନକୁ ଗତ ୨୦୧୩ ଡିସେମ୍ବର ୨୮ ତାରିଖରେ ପୂର୍ବତନ ବିଧାନସଭା ବାଚସ୍ପତି ତଥା ପ୍ରାକ୍ତନ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସ୍ୱର୍ଗତ ଡ. ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ମେସିନଟି ଅଚଳ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ଆଜି ସୁଦ୍ଧା ତାହାକୁ ମରାମତି କରାଯାଉ ନାହିଁ। ଆଗକୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ହେବାକୁ ଥିବା ବେଳେ ବ୍ଲକ କାର୍ଯ୍ୟାୟକୁ ଆସୁଥିବା ସର୍ବସାଧାରଣ ଯେପରି ପାନୀୟ ଜଳରୁ ବଞ୍ଚିତ ନ ହେବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିଡିଓ ଡ଼.ଚିତ୍ତ ରଞ୍ଜନ ଦାସଙ୍କୁ ପଚାରିବାରୁ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଛନ୍ତି।

# ଆସିକା ପାନାସୋନିକ ଟିମ୍ ଚାମ୍ପିୟନ

## ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ

ଧରାକୋଟ,୧୨।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)




ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫିର ଫାଇନାଲରେ ଚେରମାରିଆ ଡେଲିସିଅସ୍ କ୍ରିକେଟ କ୍ଲବକୁ ହରାଇ ଆସିକା ପାନାସୋନିକ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ଆସିକା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ଏହି ରନ୍‌ର ପିଛା କରି ଚେରମାରିଆ ଟିମ୍ ୯ ଉଇକେଟ୍ ହରାଇ ୧୦୨ ରନ୍ କରି ପରାଜିତ ହୋଇଛି। ବିଜୟୀ ଦଳର ବ୍ରଜକେଶ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଥିବା ବେଳେ ଦେବାଶିଷ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୧୭,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଦଳକୁ ଟ୍ରଫି ସହ ୧୨,୦୦୦ ଟଙ୍କା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ବିଜେଡି ସଭାପତି ସଂଜୟ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଟୁକୁନା ଗୌଡ, ପୂର୍ବତନ ସରପଞ୍ଚ ଦିଲିପ୍ କୁମାର ସ୍ୱାଇଁ, ୟଙ୍ଗ କ୍ରିକେଟ କ୍ଲବ୍ ସଭାପତି ସୁନିଲ୍ କୁମାର୍ ଗୌଡ, ଶିକ୍ଷାବିତ୍ ସୋମନାଥ ପଣ୍ଡା, ରାଧାମୋହନ ଜେନା, ଭବାନୀଶଙ୍କର ପାତ୍ର, ସୁନିଲ୍ ଚନ୍ଦ୍ର ସ୍ୱାଇଁ,ମାନସ ରଞ୍ଜନ ଜେନା, ରଜନୀକାନ୍ତ ଜେନା, ଧରଣୀ ଧର ସ୍ୱାଇଁ, ସାମ୍ବାଦିକ ହୃଦାନନ୍ଦ ଜେନା, ସଂଜୀବ ପଟ୍ଟନାୟକ, ଶିଶିର କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅଶ୍ୱିନୀ ବିଷୋୟୀ, ଦେବାଶିଷ ସାହୁ, ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଶାନ୍ତ କୁମାର ଡାକୁଆ ଏବଂ ଗୋପାଳ ହରି ଗୌଡ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୨୦ ଭରି ଗହଣା ଚୋରି

ବ୍ରହ୍ମପୁର ,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଚୋରି, ରାହଜାନୀ ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୁଣି ଟାଉନ ଥାନା ନିଳାଦ୍ରୀବିହାରରେ ଏକ ଘରୁ ୨୦ ଭରି ସୁନାଗହଣା ଚୋରି ହୋଇଛି। ଏ ନେଇ ଗୃହକର୍ତ୍ତା ପ୍ରିୟା ଗୁପ୍ତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୯/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ପୋଲିସ ପ୍ରିୟାଙ୍କ ଘର କାମ କରୁଥିବା ଯୁବତୀଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ଉକ୍ତ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରୁଛି । ଗତ ଜାନୁଆରୀ ୨୩ ତାରିଖରେ ପ୍ରିୟା କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ତାଙ୍କର ଝିଅ ଓ କାମ କରୁଥିବା ଯୁବତୀ ରହୁଥିଲେ। ସେ ଗତ ୬ ତାରିଖରେ ଘରକୁ ଫେରବାରେ ତାଙ୍କ ଆଲମିରା ଖୋଲାଯାଇଥିବା ଦେଖିଥିଲେ। ସେଥିରେ ଥିବା ୨୦ ଭରି ସୁନା ଗହଣା ନ ଥିବାରୁ ଝିଅକୁ ପଚାରିଥିଲେ। କାମ କରୁଥିବା ଯୁବତୀ ମଧ୍ୟ କୌଣସି କଥା ଠିକ ଭାବେ କହିପାରିନଥିଲେ। ତେଣୁ ସନ୍ଦେହରେ ପୋଲିସରେ ଅଭିଯୋଗ କରିଥିଲେ। ନକଲି ଚାବି କରି ଏଭଳି ସୁନା ଗହଣା ଚୋରି ହୋଇଥିବା ପୋଲିସ ସନ୍ଦେହ କରୁଛି।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପ୍ରସ୍ତୁତି ବୈଠକ

ଛତ୍ରପୁର,୧୨।୨(ଦିଲ୍ଲୀପ ସାମଲ):

ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଗଞ୍ଜାମ ଗସ୍ତରେ ଆସିବେ। ଏ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ବିଡ଼ିଓ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୀତଳାପଲ୍ଲୀଠାରେ ସମ ସୁପର ସ୍ପୋସାଲିଷ୍ଟ ହସ୍ପିଟାଲର ଲୋକାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ତେଣ ବହୁ ସଂଖ୍ୟକ ମିଶନଶକ୍ତି ସଦସ୍ୟ, ଏମବିକେ, ସିଆରପି ମାନଙ୍କ ଠାରୁ ଆରମ୍ଭ କରି ବହୁ ଜନପ୍ରତିନିଧି ଏବଂ ଜନସାଧାରଣ କିଭଳି ଯୋଗଦେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଜିଲା ପରିଷଦ ସଭ୍ୟା ଛବିତା ବେହେରାଙ୍କ ସମେତ ବହୁ ଜନପ୍ରତିନିଧିମାନେ ଯୋଗଦେଇଥିଲେ।

### ଫୁଟବଲ ଟୁର୍ନାମେଣ୍ଟ, ଭଞ୍ଜନଗର ଚାମ୍ପିୟନ

ଦିଗପହଣ୍ଡି,୧୨।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ହାଇସ୍କୁଲ ଖେଳପଡିଆ ଠାରେ ଚାଲିଥିବା ଏକଦିବସୀୟ ଦିବାରାତ୍ରି ଫୁଟବଲ ଟୁର୍ନାମେଣ୍ଟ ରବିବାର ରାତିରେ ଉଦଯାପିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଦଳ ଘରୋଇ ପଦ୍ମନାଭପୁର ଦଳକୁ ପରାଜିତ କରି ଚାମ୍ପିୟନ ହୋଇଛି। ଉଦଯାପନୀ ସମାରୋହରେ ଅତିଥି ଭାବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ବି . କ୍ରିଷ୍ଣାରାଓ ସୁବୁଦ୍ଧି, ସାମାଜିକ କର୍ମୀ କେଶବ ରାଓ, ଯୁବ ବିଜେଡି ନେତା ସନ୍ତୋଷ କୁମାର ପାତ୍ର ଯୋଗ ଦେଇଥିଲେ। ବିଜେତା ଭଞ୍ଜନଗର ଦଳକୁ ୧୦ ହଜାର ଓ ପରାଜିତ ପଦ୍ମନାଭପୁର ଦଳକୁ ୭ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ଅଭିମନ୍ୟୁ ବେହେରା, ବାରିକ ବେହେରା, ଜିଏମ୍ ବାବୁ, ରଞ୍ଜିତ କୁମାର ପାତ୍ର, ଭୀମ ତ୍ରିପାଠୀଙ୍କ ସମେତ ବ୍ରହ୍ମପୁର ଫୁଟବଲ ଏକାଡେମୀର ପ୍ରଶିକ୍ଷକମାନେ ମ୍ୟାଚ ପରିଚାଳନା କରିଥିଲେ। ବସନ୍ତ ନାୟକ, ପ୍ରଦୀପ ସାହୁ, ଜି .ତାରକେସୁ, ମଙ୍ଗଳା ପାତ୍ର, ଜି .ଡିଲେସୁଙ୍କ ସମେତ ବହୁ କ୍ରୀଡାବିତ ସହଯୋଗ କରିଥିଲେ।

# ସମସ୍ୟାରେ ସନ୍ତୁଳିତ ଆକାଶବାଣୀ ବ୍ରହ୍ମପୁର

ବ୍ରହ୍ମପୁର,୧୨।୨(ତନୁଶ୍ରୀ ନାହାକ)



ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର।

ପୂର୍ବରୁ ଖବର ଜାଣିବାର ମାଧ୍ୟମ ଥିଲା ରେଡିଓ। କିଛିବର୍ଷ ହେଲା ଟେଲିଭିଜନ ଓ ସୋସିଆଲ ମିଡିଆର ବହୁଳ ବ୍ୟବହାର ଯୋଗୁଁ ରେଡିଓର ଚାହିଦା ସମ୍ପୂର୍ଣ୍ଣ କମିବାରେ ଲାଗିଛି। ତଥାପି ରେଡିଓକୁ ଜୀବିତ ରଖିବା ସକାଶେ ୨୦୧୧ରୁ ଫେବୃଆରୀ ୧୩ ତାରିଖକୁ ବିଶ୍ୱ ରେଡିଓ ଦିବସ ଭାବେ ପାଳନ କରାଯାଉଛି। ୧୯୯୩ ଏପ୍ରିଲ ୩୦ରେ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ।

ଗଞ୍ଜାମ ଜିଲାରେ ଦୀର୍ଘ ୩୦ ବର୍ଷ ଧରି ସୂଚନା, ସିଗନାଲ, ଶିକ୍ଷା, କଳା, ସଂସ୍କୃତି, ବିଜ୍ଞାନ, ଜଣାଅଜଣା ସହିତ ବହୁ ଜନହିତାୟ ବହୁ ସୁଖାୟ ଉକ୍ତିକୁ ଯଥାର୍ଥ ଭାବେ ପ୍ରତିପାଦିତ କରି ବ୍ରହ୍ମପୁର ଆକାଶବାଣୀ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଜାତୀୟ ସ୍ତରରେ ୧୯୯୪ରେ ତଥାପି, ୨୦୦୨ରେ ଖୁସି, ୨୦୦୯ରେ ଆ ମୋ ସକାଳ ଆ, ୨୦୧୦ରେ ଝଡ଼ି ପଡୁଥିବା କଢ଼ିର ସ୍ୱପ୍ନ, ୨୦୧୨ରେ ଘର, ୨୦୧୩ରେ ପକ୍ଷୀ, ୨୦୧୪ରେ ଜୀବନ ଯନ୍ତ୍ରଣା ଓ ୨୦୧୫ରେ ସବୁଜ ସକାଳ ଆସୁଛି ଫେରି ଭଳି କାର୍ଯ୍ୟକ୍ରମ କରି ଜାତୀୟସ୍ତରରେ ଏହି କେନ୍ଦ୍ର ୯ଥର ପୁରସ୍କୃତ ହୋଇଛି। ଏବେ କର୍ମଚାରୀ ଅଭାବରୁ ହେଲୋ ଡ଼କ୍ଟର, ହେଲୋ କିଷାନ ବାଣୀ ଭଳି ଦୁଇଟି ଜଣାଶୁଣା କାର୍ଯ୍ୟକ୍ରମ ହୋଇପାରୁନି। କର୍ମଚାରୀ ଅଭାବ ଥିଲେ ବି କର୍ମଚାରୀଙ୍କ ନିଷ୍ଠା ଯୋଗୁ ଯୁବବାଣୀ, ବାଟେଘାଟେ, ଶିଶୁରାଇଜ, କିଷାନ ବାଣୀ, ସମୃଦ୍ଧି ପଥେ ଭାରତ, ମହିଳା ମହଲ, ବିବିଧା, ବିଜ୍ଞାନ ବିଚିତ୍ରା, ବହୁବର୍ଣ୍ଣା, ସୁଗମ ସଙ୍ଗୀତ, ରାମଚରିତ ମାନସ, ଚମ୍ପୁ, ଛାନ୍ଦ, ସଂଗୀତାଞ୍ଜଳି, ସ୍ୱତନ୍ତ୍ର ନାଟକ, ପ୍ରବନ୍ଧ, ସାକ୍ଷାତକାର, ଭକ୍ତିଗୀତ, ଲଘୁସଂଗୀତ, ଓଡ଼ିଆ ହିନ୍ଦି ଗୀତ ଭଳି ୨୦ କାର୍ଯ୍ୟକ୍ରମ ସହ ବିବିଧ ଭାରତୀ, ଓଡ଼ିଆ ହିନ୍ଦି ଓ ଇଂରାଜୀ ସମାଚାର ମଧ୍ୟ ଏଠାରୁ ପ୍ରସାରିତ ହୋଇଆସୁଛି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଭାଗରେ କେବଳ ଜଣେ ମାତ୍ର ସ୍ଥାୟୀ ଉଦଘୋଷିକାଙ୍କୁ ବାଦଦେଲେ ଜଣେ ମଧ୍ୟ ସରକାରୀ କର୍ମଚାରୀ ନାହାନ୍ତି। ସେ ଆସିବା ପରେ ସାହିତ୍ୟଭିତ୍ତିକ କାର୍ଯ୍ୟକ୍ରମ ଶାମୁକା ସମେତ ହେଲୋ ଯୁବବାଣୀ ଭଳି ଏକ ନୂତନ ସ୍ୱାଦ ଭିତ୍ତିକ ଫୋନ ଇନ କାର୍ଯ୍ୟକ୍ରମକୁ ଯୋଡ଼ା ଯାଇଥିବା ବ୍ରହ୍ମପୁର କେନ୍ଦ୍ରର ଅତିରିକ୍ତ ଦାୟିତ୍ୱରେ ଥିବା ଭୁବନେଶ୍ୱର ଆକାଶବାଣୀ ଏନଏବିଏମ କାର୍ଯ୍ୟାଳୟର ଅଶୋକ କୁମାର ପାଣିଗ୍ରାହୀ କହିଛନ୍ତି। କୌଣସି ରେଡ଼ିଓ ଫିଚରଭିତ୍ତିକ କାର୍ଯ୍ୟକ୍ରମ ଓ ରେଡ଼ିଓ ରିପୋର୍ଟ ପ୍ରସ୍ତୁତ ହୋଇପାରୁ ନାହିଁ। କିଛି ମାସ ପୂର୍ବରୁ ବ୍ରହ୍ମପୁରର ବହୁ ଶ୍ରୋତା ଓ ବୁଦ୍ଧିଜୀବୀଙ୍କ ଅସନ୍ତୋଷ ପରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଉକ୍ତ କେନ୍ଦ୍ରର ସମସ୍ୟା ଲୋକ ସଭାରେ ଉଠାଇଥିଲେ ବି ସୁଫଳ ମିଳିନାହିଁ। ଯଦି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଏହି କେନ୍ଦ୍ର ବନ୍ଦ ହୋଇଯିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

**ଆଜି ରେଡ଼ିଓ ଦିବସ**

## ନାବାଳିକାଙ୍କୁ ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)- ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର ହୋଇଛି। ଜଜ୍ ପ୍ରଭାତ କୁମାର ରାଜଗୁରୁ ଗୁରୁଣ୍ଡି ଗ୍ରାମର ଅଜୟ ନାୟକ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟ ଅଧିକ ୧ବର୍ଷ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଘଟଣାରେ ସହଯୋଗ କରିଥିବା ଅଜୟଙ୍କ ୨ ଭଉଣୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜଜ ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦ ଅକ୍ଟୋବର ୧୩ ତାରିଖରେ ସଦର ଥାନା ଅଞ୍ଚଳରୁ ଜଣେ ୧୬ବର୍ଷର ନାବାଳିକାଙ୍କୁ ଅପହରଣ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ କରି ୨୩ ତାରିଖରେ ପାଟପୁର ଥାନା ଫାଶିବନ୍ଧ ଗ୍ରାମର ଏକ ଘରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେହି ଘରୁ ଅଜୟଙ୍କୁ କାବୁ କରାଯାଇଥିଲା। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଜୟ ନାବାଳିକାଙ୍କୁ ପ୍ରଥମେ ଅପହରଣ କରି ତାଙ୍କ ଭଉଣୀ ଘର ଏସ.ଟିକରପଡା ଗ୍ରାମରେ ପରେ ତାଙ୍କର ଅନ୍ୟ ଜଣେ ଭଉଣୀ ଘରେ ରଖିଥିଲେ। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନରେ ରଖି ବଳପୂର୍ବକ ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଥିଲା। ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଥିଲା। ନଂ.୩୦୫/୨୦ରେ ଏକ ମାମଲା ରୁଜୁ କରି ଅଜୟଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଅଜୟଙ୍କ ଦୁଇ ଭଉଣୀ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଉକ୍ତ ମାମଲାରେ ଜଡିତ କରିବା ସହ ଥାନାରୁ ୪୧ ସିଆରପିସିରେ ଛାଡିଦେଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଥାନା ଏସଆଇ ଜ୍ୟୋତି ରଞ୍ଜନ ବେହେରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଅଜୟ ନାୟକ ଓ ତାଙ୍କ ଦୁଇ ଭଉଣୀ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଆଧାରରେ ଜଜ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଶିଶୁ ସାହିତ୍ୟ ଆସର

ବ୍ରହ୍ମପୁର,୧୨।୨(ସ୍ମୃତି ରଞ୍ଜନ ମହାଲିକ)




ସାହିତ୍ୟ ଆସରରେ ଉପସ୍ଥିତ ପରିଷଦର ସଭାପତି ଓ ସାଧାରଣ ସମ୍ପାଦକ।

ଶିଶୁ ସାହିତ୍ୟ ବିକାଶ ପରିଷଦର ଶିଶୁ ସାହିତ୍ୟ ଆସର ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ହାଡିବନ୍ଧୁ ମାଳି ସଭାପତିତ୍ୱ କରିଥିଲେ। ଶିଶୁ ସାହିତ୍ୟର ବିକାଶ ନିମନ୍ତେ ଶିଶୁ ସାହିତ୍ୟିକଙ୍କୁ ପରିଷଦ ଉତ୍ସାହିତ କରିଆସୁଛି। ପରିଷଦର ପ୍ରତିଷ୍ଠାତା ବିଶିଷ୍ଟ ଶିଶୁ ସାହିତ୍ୟିକ ସ୍ୱର୍ଗତ ଅଭିରାମ ପଣ୍ଡାଙ୍କ ଶିଶୁ ସାହତ୍ୟ ପ୍ରତି ଅବିସ୍ମରଣୀୟ ଅବଦାନ ସଂପର୍କରେ ସଭାପତି ଆଲୋକପାତ କରିଥିଲେ। ପରିଷଦର ଆଗାମୀ ବାର୍ଷିକୋତ୍ସବ ନିମନ୍ତେ ମୁଖପତ୍ର 'ସୁନା ଅଜା' ପାଇଁ ଶିଶୁ ଗଳ୍ପ, କବିତା ଓ ପ୍ରବନ୍ଧ ଶିଶୁ ଉପଯୋଗୀ ଏକାଙ୍କିକା ଆହ୍ୱାନ କରାଯାଇଥିଲା। ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ସଂପାଦକୀୟ ପାଠ କରିଥିଲେ। ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୁଜ୍ଞାନ କୁମାରୀ ଦେଓଙ୍କ ଦେହାନ୍ତ ଓ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ସାତକୋଡି ହୋତାଙ୍କ ଦେହାନ୍ତରେ ସ୍ମୃତି ଚାରଣ କରାଯାଇଥିଲା। ଆୟୋଜିତ ପାଠୋତ୍ସବରେ ଲିଙ୍ଗରାଜ ଜେନା, ଭଗବାନ ତ୍ରିପାଠୀ, ଯୁବ କବି ଆଶୁତୋଷ ବେହେରା ଓ ସୁବାସ ଚନ୍ଦ୍ର ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଆଦିବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ସ୍ମାରକପତ୍ର

ଟିକିଟି,୧୨।୨(ପ୍ରକାଶ ଚନ୍ଦ୍ର ସାହୁ)

ଗଜପତି ଜିଲାରୁ ଆସି ଗଞ୍ଜାମ ଜିଲା ଟିକିଟି ବ୍ଲକ ଖଜୁରୀପଦା ନିକଟସ୍ଥ ଜଙ୍ଗଲରେ ଦୀର୍ଘ ଦିନ ଧରି ରହିଆସୁଥିବା ଏବଂ ନୂତନ ଭାବେ ବସତି ସ୍ଥାପନ କରିଥିବା ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ତେଣୁ ଆଦିବାସୀ ପରିବାର ଏକତ୍ରିତ ହୋଇ ସୋମବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟା ପରଠାରୁ ଉକ୍ତ ଆଦିବାସୀ ପରିବାର ଆସି ଜଙ୍ଗଲରେ ନୂଆ ଖଜୁରୀପଡା ନାମରେ ବସତି ସ୍ଥାପନ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଗମନାଗମନ ଅଭାବ ଯୋଗୁ ସେମାନଙ୍କର ବହୁ ଅସୁବିଧା ହେଉଛି। ଏପରିକି ଖରାଦିନେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

## ରୁବି ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୧୨।୨(ଅଶୋକ କୁମାର ସାହୁ): ସ୍ଥାନୀୟ ଗୋବିନ୍ଦ ବିହାରସ୍ଥିତ ରୁବି ଚକ୍ଷୁ ଚିକିତ୍ସାଳୟର ୧୫ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚିକିତ୍ସାଳୟର ଚେୟାରମ୍ୟାନ ଡା.ବି.ନାଗେଶ୍ୱର ରାଓ ସୁବୁଦ୍ଧି, ଡାଇରେକ୍ଟର ଡା. ପ୍ରବୀନ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଆଇଟେକ-୨୪ ଅନ ରିସେଣ୍ଟ ଆଡଭାନସେସ ଇନ ଅପଥାମୋଲୋଜି ଶୀର୍ଷକ ଏକ ବୈଜ୍ଞାନିକ କର୍ମଶାଳା ତାମ୍ପରା ରିସୋର୍ଟଠାରେ ଆୟୋଜିତ ହୋଇଥିଲା। ନିମନ୍ତ୍ରିତ ବକ୍ତା ଭାବେ ଚକ୍ଷୁ ବିଶେଷଜ୍ଞ ପଦ୍ମଶ୍ରୀ ଡା. ତାରା ପ୍ରସାଦ ଦାସ, ଡା. ଅଜିତ ବାବୁ, ଡା. ପାର୍ଥ ବିଶ୍ୱାସ, ଡା. ସ୍ୱପନ ସାମନ୍ତ, ଡା. ସାବିତ୍ରୀ ଶର୍ମା ଯୋଗଦେଇ ବୈଜ୍ଞାନିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଚକ୍ଷୁ ରୋଗ ସମ୍ପର୍କରେ ଏକ ସଚେତନତା ଦୃଷ୍ଟି ଯାତ୍ରା କରାଯାଇଥିଲା। ଡା. ସିଲ୍ଲା ସୀତାରାମଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ନିକଟ ଅଗସ୍ତି ନୂଆଗାଁଠାରେ ଏକ ଚକ୍ଷୁ ରୋଗ ପରାମର୍ଶ ଶିବିର ହୋଇଥିଲା। ଚିକିତ୍ସାଳୟର ରେଟିନା ବିଶେଷଜ୍ଞ ଡା. ଶ୍ୱେତାପାତ୍ର ଧନ୍ୟବାଦ ଦେଇଥିଲେ।

# ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୨।୨(ଅଶୋକ କୁମାର ସାହୁ): ଲାଞ୍ଜିପାଲି ସ୍ଥିତ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୋମବାର ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡଃ.ପ୍ରମୋଦ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ରାଜେନ୍ଦ୍ର କୁମାର ବେହେରା ବିଭିନ୍ନ ଗପ ମାଧ୍ୟମରେ ସଫଳତାର ମାର୍ଗ ଦର୍ଶନ କରିଥଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ . ନୀଳାଞ୍ଚଳ ମୁନି ଶିକ୍ଷା ଓ ସଂସ୍କାର ଉପରେ ମତ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ ଶିଶୁଙ୍କୁ ସ୍ମାର୍ଟ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଅଧିବକ୍ତା ସରିତ୍ରୀ ପଟ୍ଟନାୟକ ଶିଶୁର ମାନସିକ ଓ ଶୈକ୍ଷିକ ବିକାଶରେ ପିତାମାତାଙ୍କ ଭୂମିକା ଉପରେ କହିଥଲେ । ସମ୍ମାନନୀୟ ଅତିଥି ଭାବେ ହୃଷୀକେଶ ପ୍ରଧାନ ଶିଶୁ ଶିକ୍ଷାରେ ଆଜିର ସମସ୍ୟା ଓ ତା'ର ସମାଧାନ ଉପରେ କହିଥିଲେ। ଆୟୋଜିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ୧୨୪୨ କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପ୍ରଶାସକ ରବି ପ୍ରସାଦ ସାହୁକାର, ରମାକାନ୍ତ ରଥ, ରଶ୍ମି ରଂଜନ ସାହୁ, ପ୍ରଶାନ୍ତ ମଥାନ, ସରୋଜ ଆଚାର୍ଯ୍ୟ, ସାଗରିକା ବରାଡ, ରଶ୍ମିତା ବିଶାଳ, ପି .ସରିତା, ଚିନ୍ମୟ ସାମନ୍ତରାଙ୍କ ସମେତ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆମ ପୋଖରୀ ଦକ୍ଷତା ବୃଦ୍ଧି କର୍ମଶାଳା

ରମ୍ଭା,୧୨।୨(ବନବାସୀ ସେଠୀ)

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ମୁକ୍ତା ଯୋଜନା ମାଧ୍ୟମରେ ଆମ ପୋଖରୀର ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଉପଦେଷ୍ଟା ଦେବ ସୁନ୍ଦର ମହାପାତ୍ର, ବିକାଶ କୁମାର ମହାରଣା, ସ୍ମୃତି ରଞ୍ଜନ ସିଂ ଏଲଇଡ଼ି ମାଧ୍ୟମରେ ଆମ ପୋଖରୀ ବିଷୟରେ ବିଭିନ୍ନ ମତ ଦେବା ସହ କିପରି ଲାଭ ପାଇପାରିବେ ଏବଂ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମିଶନ ଶକ୍ତି ସଦସ୍ୟାମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି.ସଙ୍ଗମ ଚୌଧୁରୀ, ରାମକୃଷ୍ଣ ମହାପାତ୍ର, ସର୍ବନାମ ଦାଶ, ସୁକାନ୍ତ ମହାରଣା, ଶୁଭଶ୍ରୀ ତ୍ରିପାଠୀ, ପ୍ରଭାସିନୀ ନାୟକ, ମନୋଜ କୁମାର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

## କାଳିଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବେଲଗୁଣ୍ଠା,୧୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗୋବରା କ୍ଲଷ୍ଟର ଅନ୍ତର୍ଗତ କାଳିଆଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଭିଭାବକ ସଂଘ ସଭାପତି ସୁଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସରପଞ୍ଚ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ଏସ. ରାମେଶ୍ୱର ପାତ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ଜିଲାପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ସମିତି ସଭ୍ୟା ମମତା ଭୋଳ, ଗୋବରା ସମିତି ସଭ୍ୟ ବିଭୁପାଦ ଜେନା, ନାଏବ ସରପଞ୍ଚ ସୁନିତା ପ୍ରଧାନ, ବଡବୋରସିଙ୍ଗ ଆଞ୍ଚଳିକ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦିତ୍ୟ କୁମାର ବ୍ରହ୍ମା, ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ପଟ୍ଟନାୟକ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ବିପିନ ବିହାରୀ ପ୍ରଧାନ ବାର୍ଷିକ ବିବରଣୀ ପାଠନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ଦଳବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ରାମାୟଣ ନାଟକ ଉପସ୍ଥିତ ଅତିଥି, ଅଭିଭାବକ ଏବଂ ଦର୍ଶକଙ୍କ ମନ ମୋହିଥିଲା।

# ବିଭାଜିତ ହେଲା ଗଞ୍ଜାମ କଂଗ୍ରେସ ସଙ୍ଗଠନ

**ଦୀପକ ପୂର୍ବ, ରବୀନ୍ଦ୍ର ପଶ୍ଚିମ ଜିଲା ଆଡ଼ହକ୍ ସଭାପତି**

ବ୍ରହ୍ମପୁର,୧୨।୨(ନରସିଂହ ସାହୁ)



ଦୀପକ ପଟ୍ଟନାୟକ



ରବୀନ୍ଦ୍ର ନାଥ ଶର୍ମା

ଗଞ୍ଜାମ କଂଗ୍ରେସ ସଙ୍ଗଠନ ବିଭାଜିତ ହୋଇଛି। ଜିଲା ସଭାପତି ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ପରିବର୍ତ୍ତନ କରାଯାଇଛି। ଏହି ଜିଲାରେ ପୂର୍ବ ଜିଲା କଂଗ୍ରେସ ଓ ପଶ୍ଚିମ ଜିଲା କଂଗ୍ରେସ ନାମରେ ଦୁଇ ସାଙ୍ଗଠନିକ ଜିଲା ଗଠନ ହୋଇଛି। ପୂର୍ବ ଜିଲା ପାଇଁ ବ୍ରହ୍ମପୁରର ଆଇନଜୀବୀ ଦୀପକ ପଟ୍ଟନାୟକଙ୍କୁ ଆଡ଼ହକ ସଭାପତି କରାଯାଇଥିବା ବେଳେ ପଶ୍ଚିମ ଜିଲା ନିମନ୍ତେ ଆସିକାର ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମାଙ୍କୁ ଆଡ଼ହକ କରାଯାଇଛି। ଏହାଦ୍ୱାରା ଜିଲାର କଂଗ୍ରେସ ସଙ୍ଗଠନ ସୁଦୃଢ଼ ହୋଇପାରିବ ବୋଲି କର୍ମୀମାନେ ଆଶାବାଦୀ ହୋଇଛନ୍ତି।

ଶତାଧିକ ବର୍ଷର ବ୍ରହ୍ମପୁରସ୍ଥ ବାପୁଜୀ ଆଶ୍ରମକୁ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ କରାଯାଇଥିଲା। ଏବେ ୨ ସାଙ୍ଗଠନିକ ଜିଲା ହେବା ଦ୍ୱାରା ବାପୁଜୀ ଆଶ୍ରମ ପୂର୍ବ ଜିଲା କଂଗ୍ରେସ ଦଖଲକୁ ଯିବ ଏବଂ ଆସିକା ବା ଅନ୍ୟସ୍ଥାନରେ ପଶ୍ଚିମ ଜିଲା କଂଗ୍ରେସ ଅଫିସ ଖୋଲିବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଅତୀତରେ ସମଗ୍ର ଗଞ୍ଜାମ ଜିଲା କଂଗ୍ରେସର ଦୁର୍ଗ ହୋଇଥିଲା। ରାଜ୍ୟରେ ଆଞ୍ଚଳିକ ରାଜନୈତିକ ଦଳ ବିଜେଡି ଗଠନ ପରେ ଏହି ସଂଗଠନ ଦୁର୍ବଳ ସ୍ଥିତିକୁ ଆସିଯାଇଛି। ୨୦୦୦ ନିର୍ବାଚନରେ ଆସିକାରୁ ଉଷାରାଣୀ ପଣ୍ଡା ଓ ଜଗନ୍ନାଥପ୍ରସାଦ ଆସନରୁ ସୀମାଞ୍ଚଳ ବେହେରା କଂଗ୍ରେସରୁ ବିଧାୟକ ହୋଇଥିଲେ। ୨୦୦୪ ନିର୍ବାଚନରେ ଗୋପାଳପୁରରୁ ଡ଼ା. ତ୍ରିନାଥ ବେହେରା ଏବଂ ୨୦୦୯ ଓ ୨୦୧୯ ନିର୍ବାଚନରେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ରମେଶ ଜେନା ଦୁଇଥର କଂଗ୍ରେସ ବିଧାୟକ ହୋଇଛନ୍ତି। ଅନ୍ୟ ଆସନ ଗୁଡ଼ିକରୁ କଂଗ୍ରେସ ପ୍ରାର୍ଥୀମାନେ ପରାଜିତ ହୋଇଥିଲେ। କେବଳ ବିଧାନସଭା କ୍ଷେତ୍ର ନୁହେଁ ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ଭୋଟ ଫଳାଫଳରେ କଂଗ୍ରେସ ରସାତଳଗାମୀ ହୋଇଛି।

# ସଫେଇ କର୍ମଚାରୀ ସଂଘର ବିକ୍ଷୋଭ

ବ୍ରହ୍ମପୁର,୧୨।୨(ସ୍ମୃତି ରଞ୍ଜନ ମହାଲିକ)




ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀ ସଂଘ ସୋମବାର ବିଭିନ୍ନ ଦାବି ନେଇ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହ ନିଗମର ମେୟର ସଂଘମିତ୍ରା ଦଳେଇଙ୍କୁ ଦାବି ପତ୍ର ଦେଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ନିଗମରେ ସରକାରୀ ଭାବେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ବର୍ତ୍ତମାନ ବିଭିନ୍ନ ୱାର୍ଡକୁ ବଦଳି କରାଯାଇଛି। ନିଜ ବାସ ସ୍ଥାନରୁ ଦୂରରେ ଥିବା ୱାର୍ଡକୁ ବଦଳି କରାଯାଇଛି। ଫଳରେ କର୍ମଚାରୀମାନେ ହଇରାଣ ହେଉଛନ୍ତି। ଅନ୍ୟପଟେ ସହରର ଖେଳ ପଡିଆଗୁଡିକରେ କୌଣସି କାର୍ଯ୍ୟକ୍ରମ ସରିବା ପରେ ସଫେଇ ନିମନ୍ତେ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଖୁବ କମ ସମୟ ମଧ୍ୟରେ ନିଗମ ପକ୍ଷରୁ ଏହା ଅବଗତ କରାଯାଉଛି। ଫଳରେ ସେମାନେ ଉଭୟ କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ। ଅନ୍ୟପଟେ ସଫେଇ କାର୍ଯ୍ୟକୁ ଘରୋଇକରଣ କରାଯାଇଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯିବା ସହ ସରକାରୀ ଭାବେ ଥିବା ୬୦୦ କର୍ମଚାରୀଙ୍କ ପାଇଁ ବିନା ଘରୋଇକରଣରେ ୱାର୍ଡରେ ନିଯୁକ୍ତି ପାଇଁ ଦାବି ହୋଇଛି। ଏ ବାବଦରେ ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କୁ ତୁରନ୍ତ ଅବଗତ କରିବା ପାଇଁ ସଂଘ ମେୟରଙ୍କ ନିକଟରେ ଦାବି କରିଛି। ସଂଘ ସଭାପତି ଅନୀଲ କୁମାର ନାୟକଙ୍କ ସମେତ ଅମୂଲ୍ୟ ପୂଜାରୀ, ଚିନ୍ତାମଣି ନାୟକ, ତ୍ରିଲୋଚନ ବେହେରା ଓ ମନୋରଞ୍ଜନ ନିମାଇଙ୍କ ସମେତ ସଂଘର ବହୁ ସଦସ୍ୟ ବିକ୍ଷୋଭସ୍ଥଳରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ୟାଙ୍କର ଚକା ତଳେ ପଡ଼ି ବାଇକ୍ ଚାଳକ ମୃତ

ଫୁଲବାଣୀ,୧୨।୨ (ରାକେଶ କୁମାର ରାଉତ)

ଫୁଲବାଣୀ ସହର ଗୋପାଳ ସାହି ନିକଟରେ ସୋମବାର ସଡକ ଦୁର୍ଘଟଣା ଘଟିଛି । ଏକ ଟ୍ୟାଙ୍କର ଚକାତଳେ ପଡ଼ିଯିବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଶେଷଦେବ ନାୟକ । ସେ ନିର୍ମାଣଧୀନ ଫୁଲବାଣୀ ମେଡିକାଲ କଲେଜରେ ଲିଫ୍ଟ ଡ୍ରାଇଭର ଭାବେ କାମ କରୁଥିଲେ। ପ୍ରତେକ ଦିନ ପରି ଶେଷଦେବ ବାଇକ୍‌ରେ ନିଜ କାମକୁ ଯାଉଥିଲେ । ହନୁମାନ ମନ୍ଦିର ପାଖାପାଖି ଗୋପାଳ ସାହି ପାଖରେ ଏକ ଟ୍ୟାଙ୍କର ପଛ ଚକାରେ ବାଇକଟି ଲାଗି ଯିବାରୁ ଶେଷଦେବ ପଛ ଚକା ଆଗରେ ପଡ଼ିଯାଇଥିଲେ। ଫଳରେ ଗାଡି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଅଗ୍ନିଶମ ବାହିନୀ ଓ ଟିମ ହ୍ୟୁମାନିଟି ଘଟଣାସ୍ଥଳରେ ପହଞ୍ଚି ଶେଷଦେବଙ୍କୁ ଫୁଲବାଣୀ ମେଡିକାଲ ନେଇଥିଲେ । ପୋଲିସ ମୃତଦେହ ଜବତ କରିବା ସହିତ ନଂ.୩୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି।

### ଗଞ୍ଜାମ ଜିଲା କଂଗ୍ରେସର ୨ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ବାଚସ୍ପତି

ପାତ୍ରପୁର, ୧୨।୨(ଉମା ଚରଣ ନେପାକ)

ଗଞ୍ଜାମ ଜିଲାକୁ ଦୁଇ ସାଂଗଠନିକ ଜିଲାରେ ବିଭକ୍ତ କରିଛି କଂଗ୍ରେସ। ଜିଲା ସଭାପତି ରମେଶ ଜେନାଙ୍କୁ ବଦଳାଇ ତାଙ୍କ ସ୍ଥାନରେ ଦୁଇ ନୂଆ ସଭାପତିଙ୍କୁ ଦାୟିତ୍ୱ ଦେଇଛି କଂଗ୍ରେସ। ଘୋଷଣା ମୁତାବକ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକଙ୍କୁ ପୂର୍ବ ଜିଲାର ଦାୟିତ୍ୱ ଓ ରବୀନ୍ଦ୍ର ଶର୍ମାଙ୍କୁ ପଶ୍ଚିମ ଜିଲା ଦାୟିତ୍ୱ ଦେଇଛି କଂଗ୍ରେସ। ଓଡ଼ିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ଓ ରବୀନ୍ଦ୍ର କୁମାର ଦ୍ୟାନ ସାମନ୍ତରା ଉଭୟ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ କଂଗ୍ରେସର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ପୁତୁରା ମୃତ, ମାଉସୀ ଗୁରୁତର

ମୋହନା/ ଆର୍.ଉଦୟଗିରି,୧୨।୨(ମନ୍ମଥ ମିଶ୍ର/ମନୋଜ ପାଢ଼ୀ)

ଆର୍.ଉଦୟଗିରି ବ୍ଲକ କାଟମପଡ଼ା ଗାଁରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ମାଉସୀ ଗୁରୁତର ହୋଇଛନ୍ତି। ଅପରାହ୍ନରେ ଏକ ନାଳକୁ ତ୍ରିଲୋଚନ ବେହେରା ଦଳାଇ ଗାଧୋଇ ଯାଇଥିଲେ। ହେଲେ ନାଳରୁ ବିଦ୍ୟୁତ୍ ସାହାର୍ଯ୍ୟରେ ଜଳ ନେଉଥିବା ଏକ ତାରରେ ଲାଗିଯାଇଥିଲେ ତ୍ରିଲୋଚନ। ଫଳରେ ସେଠାରେହିଁ ପଡ଼ି ଟଳିପଡ଼ିଥିଲେ। ଡେରି ହେବାରୁ ମାଉସୀ ଯମୁନା କାର୍ଜୀ ଦେଖିବାକୁ ଯାଇଥିଲେ। ନାଳ ନିକଟରେ ଥିବା କୂଅଁରେ ପଡ଼ି ରହିଥିବା ଦେଖି ତାଙ୍କୁ ଉଠାଇବା ବେଳେ ମାଉସୀ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଲାଗିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚନ୍ଦ୍ରଗିରି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତ୍ରିଲୋଚନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଆର୍.ଉଦୟଗିରି ପୋଲିସ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

# କାରଣ ଖୋଜୁଛି ପୌରପାଳିକା, ତଦନ୍ତ ଦାବି କଲେ ବିରୋଧୀ

## କାର୍ଯ୍ୟାଳୟରେ ନିଆଁ ଲାଗିବା ଘଟଣା



ପାରଳାଖେମୁଣ୍ଡି,୧୨।୨(ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ରବିବାର ରାତିରେ ନିଆଁ ଲାଗିବା ଘଟଣାର କାରଣ ଖୋଜୁଛନ୍ତି ପୌରପାଳିକା କର୍ତ୍ତୃପକ୍ଷ। ସେପଟେ ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଗଲାଣି । ଉଭୟ ବିରୋଧୀ କଂଗ୍ରେସ ଓ ଭାଜପା ଘଟଣାର ଉଚ୍ଚସ୍ତରର ତଦନ୍ତ ପାଇଁ ଦାବି କଲେଣି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲ ଯେ, ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ସ୍ତରରେ ଜଣାପଡୁଛି ବହୁ ପୁରୁଣା ଦସ୍ତାବିଜ, ନିର୍ବାଚନ ସମ୍ବନ୍ଧୀୟ କିଛି କାଗଜପତ୍ର, ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ କାଗଜପତ୍ର, ସହରକୁ ପଲିଥିନ ମୁକ୍ତ କରିବା ପାଇଁ ପୌରପାଳିକା ତରଫରୁ ବିଭିନ୍ନ ସମୟରେ ବଜାରରୁ ଜବତ କରାଯାଇଥିବା ପଲିଥିନ, ମଶା ତେଲ ଆଦି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟହୋଇଛି । ତେବେ ବର୍ତ୍ତମାନ ଯାଏ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ । ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଯେଉଁ ଦୁଇଟି କୋଠରୀରେ ନିଆଁ ଲାଗିଛି ତାହା ଦୀର୍ଘଦିନ ଧରି ବନ୍ଦ ଥିଲା। ତେବେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରି କହିଛନ୍ତି। ସେପଟେ ବିରୋଧୀ କଂଗ୍ରେସ ଓ ଭାଜପା ଅଭିଯୋଗ କରିଛନ୍ତି ଯେ, ପୌର ପରିଷଦରେ ପୂର୍ବରୁ ବହୁ ଦୁର୍ନୀତି ହୋଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ପୌରପରିଷଦର ଗୋଦାମ ଗୃହରେ ନିଆଁ ଲାଗିଥିବା ଏକ ଚାଲ ବୋଲି ଅଭିଯୋଗ କରିଛନ୍ତି । ବହୁ ଦୁର୍ନୀତିକୁ ଲୁଚାଇବା ପାଇଁ ଏଭଳି କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ଉଭୟ କଂଗ୍ରେସ ନଗର ସଭାପତି ବସନ୍ତ କୁମାର ପଣ୍ଡା ଓ ଭାଜପାର ପାରଳା ବିଧାୟକ କେ ନାରାୟଣ ରାଓ। ତେବେ ଏହି ଘଟଣା ଅଧିକ ବିବାଦକୁ ଯିବା ପୂର୍ବରୁ ସମାଧାନ ହେବ ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ୭୦ ଲକ୍ଷ କ୍ରିପ୍ଟୋ ଠକେଇ, ଜଣେ ଗିରଫ

ଫୁଲବାଣୀ,୧୨/୨(ରାକେଶ କୁମାର ରାଉତ)



ପ୍ରିୟବ୍ରତ ବେହେରା।

କନ୍ଧମାଳ ଜିଲାରେ ୭୦ ଲକ୍ଷ ଟଙ୍କାର କ୍ରିପଟୋ କରେନ୍ସି ଠକେଇ ସାମ୍ନାକୁ ଆସିଛି। ଫୁଲବାଣୀ ସହରର ବହୁ ଜଣାଶୁଣା ବ୍ୟକ୍ତି ଏହି ଠକେଇର ଶିକାର ହୋଇଛନ୍ତି। ଏହି ଘଟଣାରେ ସୋମବାର ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଦଡକି ପଞ୍ଚାୟତ ଦୁବଗଡ଼ର ପ୍ରିୟବ୍ରତ ବେହେରା।

ପ୍ରକାଶ ଯେ, ପ୍ରିୟବ୍ରତ ଯୁକ୍ତ ଦୁଇ ପଢ଼ିଛନ୍ତି। ୨୦୨୨ରୁ ସେ କ୍ରିପଟୋ କରେନ୍ସି ବିଷୟରେ ଲୋକଙ୍କୁ କହି ଠକେଇ ଆରମ୍ଭ କରିଥିଲେ। ଟଙ୍କା ନେଇ ଅନଲାଇନରେ କ୍ରିପଟୋ କରେନ୍ସି ଦେଉଥିଲେ। ଏହା ସମୟ କ୍ରମେ ଅଧିକ ଲାଭ ହେବ କହି ଜଣକ ପରେ ଜଣଙ୍କୁ ଠକିବା ଆରମ୍ଭ କରିଥିଲେ। ନିବେଶକମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ତରୁଣ ତପନ ବେହେରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବହୁ ଦିନରୁ ଫେରାର ଥିବା ପ୍ରିୟବ୍ରତଙ୍କୁ ରବିବାର ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚଳାଇଥିବା ବେଳେ ପୋଲିସ ନଂ. ୭/୨୩ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଫୁଲବାଣୀ,୧୨।୨(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ କରୋନେସନ ପଡ଼ିଆରେ ସୋମବାର ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି। ପ୍ରଥମେ ମଶାଲ ଶୋଭାଯାତ୍ରା ଫୁଲବାଣୀ ସାହି ମା' ବରାଳଦେବୀ ମନ୍ଦିରରୁ ବାହାରି କରୋନେସନ ପଡିଆରେ ପହଞ୍ଚିଥିଲା। ସେଠାରେ ମଶାଲ ରଖିବା ପରେ ଧରଣୀପେନୁ ପୂଜାର୍ଚ୍ଚନା ହୋଇଥିଲା। କନ୍ଧମାଳ ଏମ୍‌ପି ଅଚ୍ୟୁତାନନ୍ଦ ସାମଲ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଉପାଧ୍ୟକ୍ଷା ନଳିନୀ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସୁନ୍ଦରଗଡର ସାନ୍ତାଳୀ ନୃତ୍ୟ, ମାନ୍ଦାରୀ ନୃତ୍ୟ, ସମ୍ବଲପୁରର କିଷାନ ନୃତ୍ୟକୁ ସମସ୍ତେ ବେଶ ଉପଭୋଗ କରିଥିଲେ। ସେହିପରି କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳର ଆଦିବାସୀ ଦଳମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

### ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ରାମଗିରି,୧୨।୨(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଥାନାରେ ନୂତନ ଥାନାଧିକାରୀ ଭାବେ ଡି. ଗଜପତି ଦୋରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଠାରେ ଯୋଗଦେବା ପୂର୍ବରୁ ସେ ନୂଆଗଡ ବ୍ଲକ ଖଜୁରୀପଦା ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାମଗିରି ଥାନାରେ ପୂର୍ବରୁ କାର୍ଯ୍ୟଭାର ନେଇଥିବା ଅଧିକାରୀ ଲୋକନାଥ ବେହେରାଙ୍କୁ ଗୋଶାଣୀ ବ୍ଲକ ଗାରାବନ୍ଧ ଥାନାକୁ ଏଏସ୍‌ଆଇ ଭାବେ ବଦଳି ହୋଇଛି।

### ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ଆସିକା,୧୨।୨(ସୁରେନ୍ଦ୍ରନାଥ ସାହୁ)– ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀର ପୂର୍ବତନ କୁଳପତି ଡ. କିଶୋର ଚନ୍ଦ୍ର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଏବଂ ସମ୍ମାନିତ ଅତିଥି ରୂପେ ମାଧ୍ୟମିକ ଶିକ୍ଷା ପରିଷଦ ଡେପୁଟି ଡାଇରେକ୍ଟର ଡ. ସୁଶାନ୍ତ କୁମାର ଦାଶ, ପାରଳାଖେମୁଣ୍ଡି ଏସ.କେ.ସି.ଜି. ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ବିଘ୍ନେଶ୍ୱର ମିଶ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

# ଜି.ଉଦୟଗିରିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଜି.ଉଦୟଗିରି,୧୨।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ସଭାଗୃହରେ ସୋମବାର କନ୍ଧମାଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପଟେଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ, ବାଲିଗୁଡା ଉପଜିଲାପାଳ ଡାକ୍ତର ରୀନା ପ୍ରଧାନ ଉପସ୍ଥିତ ରହି ମୋଟ ୬୨ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣି ବେଳେ ବିଡିଓ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ରଘୁନାଥଙ୍କ ସ୍ୱର୍ଣ୍ଣାକ୍ଷର' ପୁସ୍ତକ ଉନ୍ମୋଚିତ



ପାରଳାଖେମୁଣ୍ଡି,୧୨।୨ (ଗିରିଧାରୀ ପରିଛା)

ସ୍ଥାନୀୟ ଅର୍ବାନ ବ୍ୟାଙ୍କ ପଡିଆଠାରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଆକାଶବାଣୀ କଣ୍ଠଶିଳ୍ପୀ ତଥା ସ୍ୱର ସଂଯୋଜକ ପଣ୍ଡିତ ରଘୁନାଥ ପାତ୍ରଙ୍କ ସଙ୍ଗୀତ ଜୀବନ ୫୦ବର୍ଷ ପୂର୍ତ୍ତି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ନୈବେଦ୍ୟ ପକ୍ଷରୁ 'ସଙ୍ଗୀତମୟ ପଚାଶ ବର୍ଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ଉଦଘାଟକ ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ପଣ୍ଡିତ ରଘୁନାଥ ପାତ୍ରଙ୍କ ସଂଗୀତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ତଥା ସାହତ୍ୟିକ ଗୌରଚନ୍ଦ୍ର ପଣ୍ଡା ଏବଂ ବରିଷ୍ଠ ଓଡିଶୀ କଣ୍ଠଶିଳ୍ପୀ ତଥା ଗବେଷିକା ଡ.ସଂଗୀତା ଗୋସାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଭକ୍ତ ବତ୍ସଳ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁସ୍ତକ 'ରଘୁନାଥଙ୍କ ସ୍ୱର୍ଣ୍ଣାକ୍ଷର' ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପଣ୍ଡିତ ପାତ୍ରଙ୍କ ସ୍ୱର ସଂଯୋଜିତ ବିଭିନ୍ନ ଗୀତ ଶ୍ରୋତାଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

### ଗଞ୍ଜେଇ ଜବତ, ବ୍ୟବସାୟୀ ଫେରାର

ଫିରିଙ୍ଗିଆ,୧୨।୨(ବିକ୍ରମ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୀର୍ଘ ଦିନ ହେଲା ଗଞ୍ଜେଇ କଟା ଅଭିଯାନ ଚାଲିଛି। ସୋମବାର କାଶିନିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାକାମାହା, ବାଡା ବାଙ୍ଗା ଓ ମାଣ୍ଡୁଗାଁରେ ୩୨ ଏକର ଗଞ୍ଜେଇ ଗଛ କାଟିବା ସହ ଜଙ୍ଗଲରେ ଚାଲାଣ ପାଇଁ ପ୍ରସ୍ତୁତ ହେଇଥିବା ୩୧୦ କିଲୋ ଗଞ୍ଜେଇକୁ ପୋଲିସ ଜବତ କରିଛି। କିନ୍ତୁ ଗଞ୍ଜେଇ ମାଫିଆ ଚମ୍ପଟ ମାରି ଫେରାର ହୋଇଛନ୍ତି। ଏ ସଂକ୍ରାନ୍ତ ଫିରିଙ୍ଗିଆ ଥାନାରେ ନଂ. ୪୦/୨୪ରେ ଏକ ମାମଲା ରୁଜୁ ହୋଇଛି।

# ୧୪୩ ଅଭିଯୋଗ ଶୁଣିଲେ ଜିଲାପାଳ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ମୋହନା,୧୨।୨(ମନ୍ମଥ ମିଶ୍ର)

ମୋହନା ବ୍ଲକ କର୍ଚ୍ଚବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗ ଶୁଣାଣିରେ ଗୋପାଳପୁର–ମୋହନା –ରାୟଗଡା ରେଳପଥ ଦାବି କରିଛନ୍ତି ଅଞ୍ଚଳବାସୀ। ସେହିପରି ଡ଼ାଙ୍ଗେସଖାଲ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି। ସେହିପରି ଗୁମିଗୁଡ଼ା ଠାରୁ ଡାଙ୍ଗେସଖାଲ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୪୩ ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୬୦ ଟି ବ୍ୟକ୍ତିଗତ ଓ ୮୩ ଟି ସାମୁହିକ ଅଭିଯୋଗ ଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୁନିଲ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ବିଡିଓ ହଳଧର ଶବର ତଥା ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତା ସମସ୍ୟାରୁ ପହଞ୍ଚିଲାନି ଆମ୍ବୁଲାନ୍ସ, ଘରେ ପ୍ରସବ

## ମା, ନବଜାତକଙ୍କୁ ୬ କିମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



ଆର,ଉଦୟଗିରି/ପାରଳାଖେମୁଣ୍ଡି,୧୨।୨ (ମନୋଜ କୁମାର ପାଢୀ/ଗିରିଧାରୀ ପରିଛା)

ପୁଣି ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନ ଥିବାରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ସେପଟେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳା ଶେଷରେ ଘରେ ପ୍ରସବ କରିଛନ୍ତି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଡାବରାଗୁଡ଼ା ପଞ୍ଚାୟତ ମଣ୍ଡମାଗାଁରେ। ପ୍ରକାଶ ଯେ, ଗାଁର ସାରଜାନୀ ପାଟମାଝିଙ୍କ ପ୍ରସବ ଯନ୍ତ୍ରଣା ହୋଇଥିବାରୁ ପରିବାର ଲୋକେ ଆର.ଉଦୟଗିରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ତୁରନ୍ତ ବାହାରିଥିଲେ ମାଣ୍ଡମା ଗାଁକୁ। ହେଲେ ରାସ୍ତା ନ ଥିବା ଯୋଗୁ ଗାଁଠାରୁ ୬ କିଲୋମିଟର ଦୂରରେ ଥିବା ଟୁଙ୍ଗୁରୁ ଗାଁରେ ରହିଯାଇଥିଲା ଆମ୍ବୁଲାନ୍ସ। ବାଧ ହୋଇ ଆମ୍ବୁଲାନ୍ସ ଫାର୍ମାସିଷ୍ଟ, ଡ୍ରାଇଭର ଓ ସହଯୋଗୀ ଚାଲି ଚାଲି ଗଲେ ମାଣ୍ଡମା ଗାଁକୁ । ହେଲେ ଆମ୍ବୁଲାନ୍ସ କର୍ମଚାରୀ ଗାଁରେ ପହଞ୍ଚିବା ବେଳକୁ ମହିଳା ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇ ସାରିଥିଲେ । ଉଭୟ ମା' ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ତୁରନ୍ତ ଆମ୍ବୁଲାନ୍ସ କର୍ମଚାରୀ ଉଭୟଙ୍କୁ ଷ୍ଟ୍ରେଚରରେ ୬ କିମି ବୋହି ଆଣିଥିଲେ । ଏହାପରେ ଆମ୍ବୁଲାନ୍ସରେ ନେଇ ଆର.ଉଦୟଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି । ବର୍ତ୍ତମାନ ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଜନ ସଚେତନତା ଶିବିର

ଆର, ଉଦୟଗିରି(ମନୋଜ କୁମାର ପାଢୀ )୧୨।୨




ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ତବାରସିଙ୍ଗ ଗ୍ରାମ ପଞ୍ଚାୟତଠାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜନ ସଚେତନା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନା କାର୍ଯ୍ୟ କ୍ରମରେ ମୁଖ୍ୟଅତିଥି ଭାବେ ଜି.ପି.ଓ ଶଶାଙ୍କ ଶେଖର ସୁବୁଦ୍ଧି ,ସ୍ଥାନୀୟ ସରପଞ୍ଚ କନକ ମଣ୍ଡଳ,ସମିତି ସଭ୍ୟା ରଜନୀ ନାୟକ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି, ପଞ୍ଚାୟତ ଅଧିକାରୀ ଜୟଲକ୍ଷ୍ମି ଗୌଡ଼, ନାୟବ ସରପଞ୍ଚ ବୈଶାଖ ମଣ୍ଡଳ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ଲକ୍ଷ୍ମି ଦେବୀ, ଏ.ଏନ.ଏମ ସଲିଳା ସଡ଼ଙ୍ଗି,ସି.ଏଚ.ଓ ସଓଣ୍ଡପ୍ରଭା ସୱାଇଂ,ପୁନମ ସିନ୍ଧୁରି,ମଞ୍ଚ ପରିଚାଳକ ସ୍ଥାନୀୟ ଯୋଗାଣ ସହାୟକ ରୋହିତ କୁମାର ବଡ଼ ରଇତ ତଥା ସ୍ଥାନୀୟ ପଞ୍ଚାୟତର ସମସ୍ତ ଜନସାଧାରଣ ମହିଳା ଗ୍ରୁପର ସମସ୍ତ ସଦସ୍ୟ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଛନ୍ତି। ସମୟର ବିଳମ୍ବ ହେଲେ ମଧ୍ୟ ଶେଷରେ ରା.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମିନାରାୟଣ ଶବର ତଥା ଜିଲା ଟି.ଡି.ସି.ସି ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ ସାର୍ ସଭା ସ୍ଥଳରେ ପହଞ୍ଚି ବେଷ୍ଟ ଅଙ୍ଗନବାଡ଼ି ସୁଶିଳା ଦଳାଇ, ବେଷ୍ଟ ସି.ଆର୍.ପି କୁନି ଦଳାଇଙ୍କୁ ପୁରଷ୍କୃତ କରିବା ସହ ଓଡିଶା ସରକାରଙ୍କ ଜନହୀତକାର ଯୋଜନା ମାନ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅବଗତ କରାଇଛନ୍ତି।

ଯଥା ଗ୍ରାମାଞ୍ଚଳ ଗୁଡ଼ିକର ଧାର୍ମିକ ସ୍ଥଳ ଗୁଡିକ ର ରୂପାନ୍ତିକରଣ,ମହିଳା ସଶକ୍ତିକରଣ ତଥା ଭିତିଭୂମି ର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡିକ ର ରୂପାନ୍ତିକରଣ, କ୍ରୀଡ଼ା ଭିତିଭୂମି ର ବିକାଶ, ଐତିହ୍ୟ ଭିତିଭୂମି ର ବିକାଶ, ସୁଗମ ପରିବହନ ବ୍ୟବସ୍ଥା, ଏହି ସବୁ ବାର୍ତ୍ତା ଯେପରି ଗ୍ରାମାଞ୍ଚଳରେ ପହଞ୍ଚି ବିକାଶ ହୋଇ ପାରିବ ତା ହେଉଛି ଏହି ସଚେତନା କାର୍ଯ୍ୟ କ୍ରମର ମୁଳ ଲକ୍ଷ ବୋଲି ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ଯାହାକି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏକ ଗୌରବମୟ।

